# ଜୈବିକ ଖତ / ଗୋବର ଖତ

ଜୈବିକ ଖତ କିମ୍ବା ଗୋବର ଖତ ସହିତ ଜୈବିକ ଉପାୟରେ କରାଯାଇଥିବା କୃଷି ର ଖୁବ ନିବିଡ ସମ୍ପର୍କ ରହିଥାଏ । ଏଣୁ ଚାଷୀ ଖତ ଗଦାଟିକୁ ନିଜ ବାଡିରେ ଏଭଳି ଏକ ସ୍ଥାନରେ ତିଆରି କରିଥାଏ, ଯେଉଁଠାକୁ ତା'ର ବାଡି ବଗିଚାର ବିଭିନ୍ନ ସ୍ଥାନରୁ ସଂଗୃହୀତ ଅନାବନା ଜୈବ ବର୍ଜ୍ୟ ବସ୍ତୁ ଏବଂ ଗୁହାଳରୁ ସଂଗୃହିତ ଗୋବରକୁ ସହଜରେ ଆଣି ପକାଇବା ପାଇଁ ସମ୍ଭବ ହୋଇଥାଏ। ଖତ ଗଦାରେ ଜୈବିକ ବର୍ଜ୍ୟବସ୍ତୁ ଏବଂ ଗୋବର ପଚିସଢି ଖତ ହୋଇସାରିବା ପରେ ସେଗୁଡିକୁ ବିଭିନ୍ନ ଫସଲ ପାଇଁ ବ୍ୟବହାର କରିଥାଏ। ଏହା କରିବା ଦ୍ୱାରା ମାଟିର ଉର୍ବର ଶକ୍ତି ବୃଦ୍ଧି ପାଇବା ସହିତ ଫସଲକୁ ବେଶ୍ ପୃଷ୍ଟି ମିଳିଥାଏ।



ମାଟିର ଉର୍ବର ଶକ୍ତି ବଢାଇବାକୁ ହେଲେ ଜୈବିକ ଖତର ପ୍ରୟୋଗକୁ ଲମ୍ବା ସମୟ ଧରି କରିବାକୁ ପଡିବ । ଏହା କରିବା ଫଳରେ ମାଟିରେ ଥିବା ଜୈବ ଉପାଦନଏବଂ ଏହାର ଗଠନ ପକ୍ରିୟାରେ ଉନ୍ନତି ଆସିଥାଏ ଏବଂ ଫସଲକୁ ଆବଶ୍ୟକ ପଡୁଥିବା ଭଲ ପୃଷ୍ଟି ଶକ୍ତି କୁ ଏହା ଲମ୍ବା ସମୟ ଧରି ଯୋଗାଇଥାଏ। ଏହାଛଡା ମାଟିର ଜଳଧାରଣ ଶକ୍ତିକୁ ବଢାଇଥାଏ ଏବଂ ମାଟିର ଗଠନ ପକ୍ରିୟାକୁ ମଧ ମଜବୁତ କରିଥାଏ, ଫଳସ୍ୱରୂପ ବର୍ଷା ଏବଂ ପବନ ଜନିତ ହେଉଥିବା ମାଟିର କ୍ଷୟକୁ ପ୍ରତିରୋଧ କରିଥାଏ ।

## ଖତ ପ୍ରସ୍ତୁତି ହେଉଛି ଏକ ପ୍ରାକୃତିକ ପକ୍ରୀୟା

ଜୀବ ହେଉକି ଉଦ୍ଭିଦ ହେଉ ସମସ୍ତଙ୍କର ଏକ ଜୀବନ ଚକ୍ର ରହିଛି। ପ୍ରକୃତିର ନିୟମ ଅନୁଯାୟୀ ମରିଗଲା ପରେ ସମସ୍ତେ ପଚିସଢି ନଷ୍ଟ ହୋଇଯାଆନ୍ତି। ମାତ୍ର ଶରୀର ପଚିସଢି ଅତି ସୂକ୍ଷ୍ମ ଜୈବ କଣିକାରେ ଭାଙ୍ଗି ହୋଇଯାଏ, ସେଗୁଡିକ ଖାଲି ଆଖିରେ ଦେଖାଯାଉ ନଥିଲେ ମଧ ମାଟି, ପାଣି, ପବନରେ ମିଶିକରି ରହିଥାଏ। ଲକ୍ଷ ଲକ୍ଷ ସଂଖ୍ୟାରେ ଏହି ଜୈବ ଅଣୁଗୁଡିକ ମୁଠାଏ ମାଟିରେ ମଧ ଭରପୁର ହୋଇ ରହିଥାଏ। ଏଣୁ ପ୍ରାକୃତିକ ପ୍ରକ୍ରୀୟାରେ ପଚିସଢ଼ି ଖତ ହୋଇଯାଉଥିବା ସବୁ ଜୀବ ଏବଂ ଉଦ୍ଭିଦର ଅଣୁକଣିକାଗୁଡିକ ମାଟିର ରଙ୍ଗକୁ କାଳକ୍ରମେ କଳାରୂପ ଦେଇଥାନ୍ତି।



## ଜୈବିକ ଏବଂ ରାସାୟନିକ ଖତ

ଜୈବିକ ଏବଂ ଗୋବର ଖତରେ ଗଛ ଏବଂ ଲତାଗୁଡିକୁ ଆବଶ୍ୟକ ପଡୁଥିବା ପୃଷ୍ଟି ଯଥା- ଯବକ୍ଷାରଯାନ, ଫସଫରସ ଏବଂ ପୋଟାସିୟମ ଭରପୁର ହୋଇ ରହିଥାଏ। ଏହିସବୁ ପୃଷ୍ଟିବର୍ଦ୍ଧନ ଉପାଦାନଗୁଡିକ ମାଟିରୁ ଧିରେ ଧିରେ ଗଛଲତା ଗୁଡିକୁ ଯାଇଥାଏ।

ଅପର ପକ୍ଷରେ ଅଜୈବିକ କିମ୍ବା ରାସାୟନିକ ଖତ ଗୁଡିକରେ ସେହିସବୁ ପୃଷ୍ଟି ଗୁଡିକ କେନ୍ଦ୍ରୀଭୁତ ହୋଇରହିଥିଲେ ମଧସେତିରେ କିଛି ମାତ୍ରାରେମାଟିପ୍ରତି ବିପଦରହିଛି, ଏହିସାର ଖୁବ୍ ଶିଘ୍ର ପାଣିରେ ମିଶିଯାଏ ଏବଂ ଗଛକୁ ତୁରନ୍ତ ପୃଷ୍ଟି ଯୋଗାଇଥାଏ, କିନ୍ତୁ ମାଟିର ଉର୍ବର ଶକ୍ତି ବଢାଇବାରେ ଏହା ସହାୟକ ହୋଇନଥାଏ ବରଂ ମାଟିକୁ ଅମ୍ଳଯୁକ୍ତ କରିବାରେ ବିପଦ ସୃଷ୍ଟି କରିଥାଏ ।

ପନିପରିବା ଚାଷ ପାଇଁ ଜୈବିକ ଖତର ବ୍ୟବହାର ଖୁବ୍ ଉପଯୋଗୀ ଅଟେ। ଜୈବିକଖତ ରେ ପରିପୃଷ୍ଟ ହୋଇଥିବା ଅନେକ ପନିପରିବା ଚାଷରୁ ଭଲ ଅମଳ ହୋଇଥାଏ।




### କେଉଁ ସବୁ ଉପାଦାନରୁ ଜୈବିକ ଖତ ପ୍ରସ୍ତୁତ କରାଯାଇ ପାରିବ

ଜୈବିକ ସାର କହିଲେ ସାଧାରଣତଃ ଏହା ସବୁ ଜୈବିକ ବସ୍ତୁର ସମ୍ମିଶ୍ରଣକୁ ହିଁ ବୁଝାଇଥାଏ। ମୁଖ୍ୟତଃ ନିମ୍ନରେ ଉଲ୍ଲେଖି ଥିବା ବସ୍ତୁ ଗୁଡିକୁ ନେଇ ଏହା ପ୍ରସ୍ତୁତ କରାଯାଇଥାଏ।

| | | |
|---|---|---|
| ୧. | ବିଭିନ୍ନ ଫସଲର ବର୍ଜ୍ୟବସ୍ତୁ | ଅନାବନା ଘାସ, ଡାଳପତ୍ର, ପନିପରିବା ଗଛରଡାଳ, ପତ୍ର, ଚୋପା ,ଫସଲ ପାଇଁ ରୋଗ ସୃଷ୍ଟି କରୁଥିବା ବିଭିନ୍ନ ଅନାବନା ଗଛ। |
| ୨. | ଗୁହାଳରୁ ସଂଗୃହୀତ ଦ୍ରବ୍ୟ | ଗୋବର, ମୂତ୍ର, ପରିତ୍ୟକ୍ତ ଘାସ, ନଡା ଇତ୍ୟାଦି |
| ୩. | ବାସଗୃହରୁ ସଂଗୃହୀତ ଦ୍ରବ୍ୟ | ରୋଷେଇ ଘରୁ ଖାଦ୍ୟ ପ୍ରସ୍ତୁତିରୁ ବାହାରୁଥିବା ବର୍ଜ୍ୟବସ୍ତୁ, ବ୍ୟବହୃତ ପାଣି, ଜାଳେଣୀ ପାଉଁଶ, ଅଳିଆ |

## ଭଲ ଖତ ପାଇବା ପାଇଁ କ'ଣ କରିବା ଆବଶ୍ୟକ

ଜୈବିକ ଖତ ପ୍ରସ୍ତୁତି ପାଇଁ ସାରା ବିଶ୍ୱରେ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରାଯାଉଛି, କିନ୍ତୁ ସେସବୁ ଉପାୟ ଗୁଡିକ ମୁଖ୍ୟତଃ ଦୁଇଟି ଶ୍ରେଣୀ ରେ ବିଭକ୍ତ କରାଯାଇଥାଏ।

**୧ . ଅବିଛିନ୍ନ ଉପାୟ :-**

ବର୍ଷ ତମାମ ଗୋଟିଏ ସ୍ଥାନରେ ଜୈବ ବର୍ଜ୍ୟବସ୍ତୁ ଗୁଡିକ ଗଦା କରାଯାଇଥାଏ। ଗଦା କରିବା କାମ ବର୍ଷ ତମାମ ନିୟମିତ ଚାଲୁ ଥିବାରୁ ଖତଗଦାର ଉତ୍ତାପରେ ବିଶେଷ ବୃଦ୍ଧି ଘଟିନଥାଏ, ଫଳସ୍ୱରୂପ ପଚିବା କାମ ଧିରେ ଧିରେ ହୋଇଥାଏ।

**୨ . ଦଳ ବା ଛେକ ଉପାୟ :(ସବୁଠୁ ଭଲ ଉପାୟ)-**

ସମସ୍ତ ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ସଂଗ୍ରହ କରି ନିର୍ଦ୍ଧାରିତ ସ୍ତନରେ ରଖାଯାଇଥାଏ, ଏହାପରେ ସବୁଗୁଡିକୁ ଏକାଠି ମିଶାଇ ଏକାଥରକେ ଠୁଳ କରାଯାଏ, ଏହାକୁ ଗରମ ଖତ ପକ୍ରୀୟା ଉପାୟ ବୋଲି ମଧ କୁହାଯାଏ , ଅଧିକ ଉତ୍ତାପ ପକ୍ରୀୟା ବଳରେ ଏହି ଖତ ତିଆରି ହେଉଥିବାରୁ ଖଞ୍ଚରେ ରହୁତିବା ପୃଷ୍ଟି ଶକ୍ତିର ଖୁବ କମ୍ କ୍ଷୟ ହୋଇଥାଏ, ଏହାଛଡା ଖତ ସଂମ୍ପୁର୍ଣ୍ଣ ରୋଗ ଜୀବାଣୁମୁକ୍ତ ହେବା ସହିତ ଅନାବନା ଗଛର ମଞ୍ଜିକୁ ପୁରାପୁରି ନଷ୍ଟ କରିଦେଇଥାଏ।

### ଭଲ ଜୈବିକ ଖତ ପାଇବାର ତିନୋଟି ମୌଳିକ ନିୟମ

୧. **ଛାଇ ପଡୁଥିବା ଜାଗାରେ ଖତଗଦା କରନ୍ତୁ :** ସୂର୍ଯ୍ୟଙ୍କ ପ୍ରଖର କିରଣ ପଡି ଖତଗଦା ଶୁଖିଯିବାର ସମ୍ଭାବନା ରହିଛି, ଏଣୁ ଖତଗଦାକୁ ଗଛଛାଇ ପଡୁଥିବା ସ୍ଥାନରେ କିମ୍ବା ବୁଦାଳିଆ ସ୍ଥାନରେ କରାଯିବା ଆବଶ୍ୟକ, କଦଳୀ ବୁଦା ତଳେ କିମ୍ବା ଘର ଛାତରେ ଛାଇ ପଡୁଥିବା ସ୍ଥାନରେ ଖତଗଦା ସ୍ଥାପନ କରାଯାଇପରେ ।

୨. **ଖତ ଗଦାର ବର୍ଜ୍ୟବସ୍ତୁ କୁ ସର୍ବଦା ପାଣିଭିଜାଇ ରଖନ୍ତୁ :** ଶୁଖିଲା ପାଗ ଦିନଗୁଡିକରେ ଘର କାମରେ ବ୍ୟବହୃତ ହୋଇଥିବା ପାଣିକୁ ଖତ ଗଦାରେ ସିଞ୍ଚନ କରନ୍ତୁ ।


- ଖତ ଗଦାର ଉପରିଭାଗକୁ କଦଳୀ ପତ୍ରପକାଇ ଘୋଡାଇ ରଖନ୍ତୁ କିମ୍ବା ପ୍ଲାଷ୍ଟିକ୍ ଆବରଣ ରେ ଢାଙ୍କିରଖନ୍ତୁ।
- ସେମିତି ଶୁଖିଲା ପରିବେଶ ଥିବା ସମୟରେ ୧ ଫୁଟ ରୁ ୨ ଫୁଟ ମଧରେ ଗାତ ଖୋଳି ଖତଗଦା ତିଆରି କରନ୍ତୁ ଏହା କରିବା ଦ୍ୱାରା ଖତଗଦାର ଆର୍ଦ୍ରତା ଭଲ ରହିଥାଏ।
- କିମ୍ବା ୧୫ ସେ:ମି: ଏକ ଓଦାମାଟିର ବହଳ ଖତଗଦା ଉପରେ ପକାଇଦିଅନ୍ତୁ ।

୩. **ଅତିବୃଷ୍ଟି ଜନିତ କାରଣରୁ ଖତଗଦାକୁ ସୁରକ୍ଷିତ ରଖନ୍ତୁ:** ଅତି ବୃଷ୍ଟି ହେଲେ ଖତଗଦା ଉପରେ ପାଣି ପଡି ବୋହିଯିବାର ସମ୍ଭାବନା ରହିଛି, ଏଭଳି ହେଲେ ଖତରେ ଥିବା ଯବକ୍ଷାରଯାନ ଏବଂ ପୋଟାସିୟମ ନଷ୍ଟ ହୋଇଯିବାର ସମ୍ଭାବନା ରହିଛି, ଏଣୁ ବର୍ଷା ସମୟରେ ଏକ ପ୍ଲାଷ୍ଟିକ ଚଦର ଖତ ଗଦା ଉପରେ ବିଛାଇ ଦିଅନ୍ତୁ।

### କଣ କରିବେ ନାହିଁ

ଜୈବିକ ଖତ ପ୍ରସ୍ତୁତ ପାଇଁ ବ୍ୟବହୃତ ଖତଗଦାରେ ମାଂସ ଟୁକୁରା, ଚମଡା ଏବଂ ସହଜରେ ପଚିସଢୁ ନଥିବା ଜିନିଷ ଯଥା ପ୍ଲାଷ୍ଟିକ, ଧାତବ ଦ୍ରବ୍ୟ ପକାନ୍ତୁ ନାହିଁ , କାରଣ ଖତଗଦାରେ ମାସଂ ଟୁକୁଡା, ହାଡ, ଚମଡା ଇତ୍ୟାଦି ପଡିଥିଲେ ସେଗୁଡିକ ମୂଷା କୁକୁର ଏବଂ ଅନ୍ୟ ହିଂସ୍ରଜନ୍ତୁ ଖାଇବାକୁ ଆସି ଖତଗଦାକୁ ନଷ୍ଟ କରିଦେଇ ପାରନ୍ତି।

## ଅବିଛିନ୍ନ ଅଥବା ସବୁଠୁ ସହଜ ଖତ ପ୍ରସ୍ତୁତି ଉପାୟ





ଉପରୋକ୍ତ ଉପାୟରେ ପ୍ରଥମେ ଖତ ପ୍ରସ୍ତୁତ ପାଇ ବ୍ୟବହୃତ ହେଉଥବା ଜୈବ ବସ୍ତୁ ଗୁଡିକୁ ଗୋଟିଏ ସ୍ଥାନରେ ହିଁ ଗଦା କରାଯାଇଥାଏ, କିଛି ମାସ ପରେ ଅର୍ଥାତ ବର୍ଷାଋତୁ ଅରମ୍ଭର ଦୁଇତିନି ମାସ ପୂର୍ବରୁ ସେଗୁଡିକୁ ଖତ ଗଦାରୁ ବାହାର କରାଯାଇଥାଏ ଏବଂ ଫେଣ୍ଟା ଫେଣ୍ଟି କରି ଅନ୍ୟ ଏକ ସ୍ଥାନରେ ଏକ ଛାଇ ଜାଗା ଦେଖି ଗଦା କରି ରଖାଯାଏ, ଯେଉଁ ସ୍ଥାନରେ ଫେଣ୍ଟାଫେଣ୍ଟି କରି ଖତକୁ ଗଦା କରି ରଖାଯାଇଥାଏ ତାହାକୁ ଭଲ ଭାବରେ କଦଳୀ ପତ୍ର କିମ୍ବା ଗଛ ପତ୍ର ଦେଇ ଆବରଣକରି ସଂପୂର୍ଣ୍ଣ ଖତ ଅବସ୍ଥାକୁ ଆସିବା ପର୍ଯ୍ୟନ୍ତ ରଖାଯାଇଥାଏ, ଜମିରେ ଖତ ବୁଣିବା ସମୟ ଆସିଲାବେଳକୁ ଏହି ଖତ ସଂପୂର୍ଣ୍ଣପରିପକ୍ୱ ଅବସ୍ଥାକୁ ଆସିଯାଇଥାଏ ।

ଯଦି ଅଧିକ ପରିମାଣରେ ଜୈବ ବସ୍ତୁ ଖତଗଦାରେ ସଂଗୃହୀତ ହେଉଥାଏ ସେପରିସ୍ଥଳେଖତ ଗଦାରେ ଏହା ଏକ ମିଟର ଉଚ୍ଚ ହୋଇ ଜମାଟ ହେଲା ପରେ ସେଗୁଡିକ ଫେଣ୍ଟାଫେଣ୍ଟି କରିସାରିବା ପରେ ଅନ୍ୟ ଏକ ସ୍ଥାନକୁ ନେଇ ଗଦେଇଦେବା ଆବଶ୍ୟକ, ଖତଗଦାରେ ପୁଣି ଏକ ମିଟର ଉଚ୍ଚରଜୈବବସ୍ତୁ ଠୁଳ ହେବାପରେ ସେଗୁଡିକୁ ମଧ ସେମିତି ପୂର୍ବରୁ ସ୍ଥାନାନ୍ତାର କରି ରଖାଯାଇଥିବା ଖତଗଦା ସ୍ଥାନରେ ଠୁଳ କରାଯିବା ସହିତ ଢାଙ୍କି ରଖାଯିବା ଅବଶ୍ୟକ। ଏଭଳି ଉପାୟରେ ସବୁ ସମୟରେ ଫସଲ ପାଇଁ ଆବଶ୍ୟକ ପଡୁତିବା ଖତର ଚାହିଦାକୁ ମେଣ୍ଟାଯାଇପାରିବ ।



## ଦଳ ବା ଛେକ ପକ୍ରିୟା ଦ୍ୱାରା ସବୁଠାରୁ ଭଲ ଖତ ପ୍ରସ୍ତୁତି ଉପାୟ



### ୧ . ଖତ ପାଇଁ ଆବଶ୍ୟକୀୟ ବସ୍ତୁଗୁଡିକର ସଂଗ୍ରହ

ଏହି ଉପାୟରେ ରହିଥିବା ଅନେକ ସୁବିଧାଗୁଡିକୁ ପାଇବାକୁ ହେଲେ ପ୍ରଥମେ ରୋଷେଇ ଘରୁ ବାହାରୁଥିବା ବିଭିନ୍ନ ଅଳିଆ, ଅବର୍ଜନା ଏବଂ ଗୃହପାଳିତ ପଶୁପକ୍ଷୀମାନଙ୍କର ମଳକୁ ସଂଗ୍ରହ କରନ୍ତୁ, ସେଗୁଡିକୁ ଖତଗଦା ପ୍ରସ୍ତୁତ କରିବା ପୂର୍ବରୁ ଭଲଭାବରେ ଗୋଟିଏସ୍ଥାନରେ ଠୁଳେଇ ରଖିବା ସହିତ କଦଳୀ ପତ୍ର କିମ୍ବା ଅନାବନା ଘାସ ବିଛାଇ ଢାଙ୍କି ରଖିବା ଆବଶ୍ୟକ, ଏଭଳି କରାଗଲେ ମଳରେ ରହିଥିବା ଜଳୀୟ ଅଂଶ ଏବଂ ପୃଷ୍ଟିକାରକ ଦ୍ରବ୍ୟ ଗୁଡିକ ନଷ୍ଟ ହୋଇନଥାଏ ।

ଯେଉଁଦିନ ଖତଗଦା ପ୍ରସ୍ତୁତ କରାଯିବ ସେଦିନ ମାଟି, ନଡା, ଅଗାଡି, ଶସ୍ୟ ଅମଳ ହେବା ପରେ ପଡି ରହିଥିବା ବଳକା ଅଦରକାରୀ ଜିନିଷ, ଫଳନ୍ତି ପନିପରିବା ଗଛର ଅଦରକାରୀ ଅଂଶବିଶେଷଗୁଡିକୁ ମଧ ସଂଗ୍ରହ କରାଯିବା ଆବଶ୍ୟକ ।

### ୨ .ଖତ ଗଦା ସ୍ଥାପନ

- ପ୍ରଥମେ ଖତ ପ୍ରସ୍ତୁତି ପାଇଁ ସଂଗୃହୀତ ଟାଣ ଜିନିଷ ଗୁଡିକୁ ଟିକିଟିକି କରି କାଟି ଦିଅନ୍ତୁ ।
- ଯଦି ଜିନିଷ ଗୁଡିକ ଶୁଖିଲା ହୋଇଥାଏ , ସଗୁଡିକୁ ମିଶ୍ରଣ କରିବା ପୂର୍ବରୁ ପାଣରେ ଭିଜାଇ ଦିଅନ୍ତୁ ।
- ଖତ ଖାଲ/ ଗାତ ର ସବୁଠୁଁ ତଳ ଅଂଶରେ ଗଛ ର ଡାଳ ପତ୍ର କିଛିବିଛାଇ ଦିଅନ୍ତୁ ,ଏହା କରିବା ଦ୍ୱାରା ବଳକା ଜଳସହଜରେ ନିଷ୍କାସିତହୋଇଥାଏ ।



- ତା'ପରେ ଖତ ପ୍ରସ୍ତୁତପାଇଁବ୍ୟବହୃତ କଠିନ ଓ ଖଦଡା ଦ୍ରବ୍ୟ ଗୁଡିକୁ ଏବଂ ସବୁଜ, ସତେଜ ଦ୍ରବ୍ୟଗୁଡିକ ଢାଳି ବିଛାଇ ଦିଅନ୍ତୁ, ତା'ପରେ ଗାଈ ଗୋରୁ ମାନଙ୍କର ମଳକୁ ପକାଇ ଦିଅନ୍ତୁ । ଏମିତି ଗୋଟିଏ ପରେ ଗୋଟିଏ ଥାକ ସୃଷ୍ଟି କରନ୍ତୁ ।
- ଯଦି ଆପଣ ନୂଆ କରି ଖତ ପାଇଁ ଗାତ ଖୋଳି ଦିଅନ୍ତି, ତାହାଲେ ପ୍ରତି ଥାକରେ କିଛି ମାଟି ବିଛାଇ ଦିଅନ୍ତୁ ।
- ଖାତରେ ପୋଟାସିୟମ ଭାଗକୁ ବଢାଇବାକୁ ଚାହୁଁଥିଲେ, ପାଉଁଶକୁ ପ୍ରତି ଥାକ ଉପରେ ବୁଣିଦେବା ଜରୁରୀ ।
- ଥାକ, ଥାକ କରି ସବୁ ଜିନିଷକୁ ଗଦା କରିସାରିବା ପରେ ଖତଗଦାର ସବା ଉପରେ ୧୦ସେ.ମି. ବଦଳରେ ନଡା କିମ୍ବା ଅନାବନା ଘାସକୁ ବିଛାଇ ଦିଅନ୍ତୁ । ଏହା କରିବା ଦ୍ୱାରା ଖତ ଗଦାର ଜଳୀୟ ଅଂଶ ନଷ୍ଟହୋଇ ନଥାଏ ।

### ୩. ଖତଗଦାକୁ ତଳ ଉପର କରିବା ଏବଂ ଘୋଡାଇ ରଖିବା

ଦୁଇ କିମ୍ବା ତିନି ସପ୍ତାହରେ ଖତ ଗଦାଭିତରେ ଜରୀ ରହିଥିବା ଗରମ ଅବସ୍ଥା କ୍ରମଶଃ କମ୍ ହୋଇଥାଏ, ଖତଗଦାର ଉଚ୍ଚତାପ୍ରାୟ ଅଧାକୁ ଖସିଆସେ, ଏହି ସମୟରେ ଖତଗଦାକୁ ହାଣି ତଳଉପର କରାଯିବା ଉଚିତ୍ ।

ଏହି ତଳଉପର କାମକୁ ପୁନରାଏ ଦୁଇମାସ ପରେ କରାଯାଇପାରେ, ଏଭଳିକରିବା ଦ୍ୱାରାଖତର ପଚନ ପକ୍ରିୟା ଖୁବଶିଘ୍ର ଶିଘ୍ର ହୋଇଥାଏ । ଯଦି ପ୍ରଥମ ଦଫାରେ ତଳ ଉପର କାମ କରିବା ଠିକ୍ ଭାବରେ ହୋଇଥାଏ ଏବଂ ଖତର ଆର୍ଦ୍ରତା ଠିକ୍ ଥାଏ ତା'ହେଲେ ଦ୍ୱିତୀୟ ଥର ତଳ ଉପର କାମ କରିବା ଆବଶ୍ୟକ ପଡିନଥାଏ । ଖତ ଗଦା ସ୍ଥାପନ କରିବାର ଦୁଇ ରୁ ତିନି ମାସ ପରେ ହିଁ ଖତ ପ୍ରସ୍ତୁତ ହେବା ସହିତ ବ୍ୟବହାର ଯୋଗ୍ୟ ହୋଇପାରିଥାଏ ।

### କେଉଁ ସବୁ ଲକ୍ଷଣ ଥିଲେ ଖତ ଭଲ ନୁହେଁ ବୋଲି କହି ପାରିବା

ଯଦି ଖତ ଧଳା ବର୍ଣ୍ଣହୋଇ ଧୁଳିଆଦେଖାଯାଏ ତାହେଲେ ଖତ ଭଲ ଭାବରେ ପଚି ନାହିଁ ବୋଲି ଜାଣିପାରିବା ,ଏଭଳି ହେବାର ଦେଖିଲେ ଖତ ଗଦା ଉପରେ ତୁରନ୍ତ ପାଣିରେ ଗୋବର ,ଗୋରୁ,ଗାଈମୂତ୍ର, ସବୁଜ ଓ ସତେଜ ଦ୍ରବ୍ୟକୁ ମିଶେଇ ଖତ ଗଦା ଉପରେ ସିଞ୍ଚିବା ଦରକାର ଏବଂ ଖତଗଦାକୁ ଭଜାଇ ରଖିବା ଜରୁରୀ ।

ଯଦି ଖତ କଳା ଏବଂ ସବୁଜ ମିଶା ରଙ୍ଗଯୁକ୍ତ ଦେଖାଯାଇଥାଏ ଏବଂ ସେଥିରୁ ଦୁଷିତ ଗନ୍ଧବାହାରୁଥାଏ ତାହେଲେ ଜାଣିବାକୁ ହେବ ଯେ ଖତ ଆବଶ୍ୟକତା ଠାରୁ ଖୁବ ଓଦାଳିଆ ରହୁଛି , ଖତ ଗଦା ଭିତରୁ ଆବଶ୍ୟକୀୟ ବାୟୁ ଯାତାୟତ କରିପାରୁନାହିଁ ଏବଂ ଖଛର ଗଠନ ଠିକ ଭାବରେ ହୋଇପାରୁନାହିଁ ଏଭଳି ହେବାର ଦେଖିଲେ ଖତ ଗଦାକୁ ଖୋଲାରଖନ୍ତୁ କିମ୍ବା ସେଗୁଡିକୁ ବାହାର କରି ଆଇଥରେ ଖତଗଦା ତିଆରି କରନ୍ତୁ ଏବଂ ସେଥିରେ ଖଦଡା ଏବଂ ଶୁଖିଲା ଦ୍ରବ୍ୟକିଛି ମିଶାନ୍ତୁ ଏହାଛଡା ଖତଗଦାକୁ ବର୍ଷାଜଳ ପ୍ରଭାବରୁ ମୁକ୍ତ ରଖନ୍ତୁ ।

## ଖତ ତିଆରି ପାଇଁ ଆବଶ୍ୟକୀୟ ଦ୍ରବ୍ୟ ଗୁଡିକର ଆଦର୍ଶ ମିଶ୍ରଣ

ଖତ ତିଆରି ପାଇଁ ବ୍ୟବହୃତ ହେଉଥିବା ଶୁଖିଲା ସାମଗ୍ରୀ ଯଥା ନଡା, ବିରି, ମୁଗ, କୋଳଥ, ମକା, ଗଛର ଅବଶିଷ୍ଟାଂଶ, କଞ୍ଚା ଡାଳପତ୍ର କିମ୍ବା ଗୋବରକୁ ମିଶାଇବାର ଆବଶ୍ୟକ ପଡିଥାଏ।

- ଖତ ପାଇଁ ବ୍ୟବହୃତ ସାମଗ୍ରୀର ଏକ ତୃତୀୟାଂଶ  କଞ୍ଚା ଡାଳ ପତ୍ର , ଅନାବନା ଘାସ, ଘରୋଇ ଅଳିଆ, ଆବର୍ଜନା, ଗୃହପାଳିତ ପଶୁ ମାନଙ୍କର ମଳ ଆବଶ୍ୟକ ହୋଇଥାଏ, ଉପୋରକ୍ତ ଦ୍ରବ୍ୟ ଗୁଡିକରେ ଯବକ୍ଷାରଯାନ ଭରପୂର ହୋଇ ରହିଥିବାରୁ ଖତପାଇଁ ଏହା ଜୈବଖତ ତିଆରି କରିବାରେ ଯଥେଷ୍ଟ ସାହାଯ୍ୟ କରିଥାଏ।
- ସେମିତି ମଧ୍ୟମ ଏବଂ ସୂକ୍ଷ୍ମ ଦ୍ରବ୍ୟ ଯଥା ଶୁଖିଲା ଡାଳପତ୍ର, ଫସଲରୁ ବହାରୁଥିବା ଶୁଖିଲା ଅବଶିଷ୍ଟାଂଶ, ନଡା ଇତ୍ୟାଦି ଏକ ତୃତୀୟାଂଶ ହେବା ଆବଶ୍ୟକ।
- ବାକି ଏକ ତୃତୀୟାଂଶ ହେଉଛି ଛୋଟଛୋଟ କରି କଟାଯାଇଥିବା ଡାଳପତ୍ର, ଗଛ ବକ୍କଳ, ବିଭିନ୍ନ ଚାଷରୁ ମିଳୁଥିବା ଅଦରକାରୀ ଖଦଡା ଦ୍ରବ୍ୟ, ଏଭଳି ଦ୍ରବ୍ୟ ଖତଗଦାରେ ମିଶିଲେ ଖତଗଦା ଭିତରକୁ ଯଥେଷ୍ଟ ବାୟୁ ଚଳପ୍ରଚଳ କରିବା ସହଜ ହୋଇଥାଏ ।

---

## ଗୋବର ଖତ

ପଶୁଙ୍କ ଗୋବର ସବୁ ରକମର ଚାଷ ପାଇଁ ସବୁଠୁଁ ଉତ୍କୃଷ୍ଟ ଖତ ରୂପେ ବିବେଚିତ ହୋଇ ଆସିଛି, ଏହା ଖୁବ ଭଲଖତ ହୋଇଥିବାରୁ କାହିଁ କେଉଁକାଳରୁ ଏହାକୁ ମାଟିର ଉର୍ବରତା ବଢାଇବା ଏବଂ ଭଲ ଶସ୍ୟ ଅମଳ ପାଇଁ ଚାଷୀ କୂଳ ବ୍ୟବହାର କରି ଆସୁଛନ୍ତି. ଏଥିରେ ଭରପୂର ଯବକ୍ଷାରଯାନ, ଫସଫରସ ଏବଂ ପୋଟାସିୟମ ରହିଛି, କିନ୍ତୁ କଞ୍ଚା ଗୋବର କୁ ଚାଷରେ ବ୍ୟବହାର କଲେ ସେଥିରେ କିଛିଟା ବିପଦ ରହିଛି, ଏଣୁ କଞ୍ଚା  ଗୋବର କୁ ସିଧାସଳଖମାଟିରେ ନ ପକାଇ ଆଗ ତାହାକୁ ଖଛରେ ପରିଣତକରିବା ଉଚିତ୍ ଏବଂ ପରେ ଫସଲ ପାଇଁ ମା;ରେ ବ୍ୟବହାର କରାଗଲେ ଭଲ ଫଳମିଳିଥାଏ,ଗୋବର କୁ ଖଛରେ ପରିଣତ କରିବା ପକ୍ରିୟା ଛୋଟ ଚାଷୀମାନଙ୍କ ପାଇଁ ଖୁବ ସହଜ ଏବଂ ସୁଲଭ ହୋଇଥାଏ,

### ଗୋବର ଖତର ଉପକାରିତା

- ଫସଲ ପାଇଁ ଆବଶ୍ୟକ ହେଉଥିବା ପୃଷ୍ଟିସାର ଗୋବର ଖତରେ ଅନ୍ୟ ଖତ ଅପେକ୍ଷା ଖୁବ ଅଧିକ ପରିମାଣର ଭରପୁର ହୋଇ ରହିଥାଏ ।
- ଗୋବର ଖତ ଜୀବାଣୁଏବଂ ଅନାବନା ଗଛର ମଞ୍ଜିକୁ ନଷ୍ଟ କରି ଦେଇଥାଏ ।
- ପରାଙ୍ଗପୃଷ୍ଟ ଜୀବମାନଙ୍କର ସଂକ୍ରମଣ ଜନିତ ରୋଗରୁ ଏହା ଗୃହପାଳିତ ପଶୁମାନଙ୍କୁ ରକ୍ଷା କରିଥାଏ, କାରଣ ଖତଗଦାରେ ଗୋବର ଖତକୁ ରୁପାନ୍ତରିତ ହେବା ସମୟରେ ଯେଉଁ ଉତ୍ତାପ ସୃଷ୍ଟି ହୋଇଥାଏ ତା'ଦ୍ୱାରା ଗୋବରରେ ଥିବା ପରାଙ୍ଗପୃଷ୍ଟ ଜୀବାଣୁଗୁଡିକ ସଂପୁର୍ଣ୍ଣ ନଷ୍ଟ ହୋଇଯାଆନ୍ତି।
- କଞ୍ଚାଗୋବର ଅପେକ୍ଷା ମାଟିର ଜୀବନ ଶକ୍ତିକୁ ଗୋଚର ଖତ ଅଧିକ ବିକଶିତ କରିଥାଏ ।
- ଏହା ଗନ୍ଧରହିତ ଏବଂ ଖୁବ ମସୃଣ ହୋଇଥିବାରୁ ଚାଷୀ ଏହାକୁ ବ୍ୟବହାର କରିବା ପାଇଁ ଖୁବ ପସନ୍ଦ କରିଥାଏ ।
- ଖତଗଦାରେ ଏହା ଖୁବ ଶିଘ୍ର ଖତକୁ ପରିବର୍ତ୍ତିତ ହୋଇଥାଏ ।

### କଞ୍ଚା ଗୋବର ବ୍ୟବହାର ପ୍ରତି ସତର୍କ ରୁହନ୍ତୁ

- କଞ୍ଚା ଗୋବର ରେ ଦିବା ଯବକ୍ଷାରଯାନ ଖୁବ ଶିଘ୍ର ଦ୍ରବୀଭୂତ ହୋଇଥାଏ। କିନ୍ତୁ ଏଥିରେ ଆମୋନିଆ ପରିମାଣ ଯଥେଷ୍ଟ ରହିଥିବାରୁ ଫସଲକୁ ପୋଡିଦେବାର ସମ୍ଭାବନା ରହିଛି ।
- କଞ୍ଚା ଗୋବରରେ ଅନେକ ପରାଙ୍ଗପୃଷ୍ଟକୀଟ ଏବଂ ଜୀବାଣୁ ରହିଥାଆନ୍ତି । ଏଣୁ  ମଣିଷର ଖାଦ୍ୟ ପାଇଁ ଉଦ୍ଦିଷ୍ଟ ଫସଲରେ ଏହାକୁ ବ୍ୟବହାର କରିବା   ସମୟରେ ଯଥେଷ୍ଟ ସର୍ତକତା ଅବଲମ୍ବନ କରାଯିବାର ଆବଶ୍ୟକତା ରହିଛି।
- କଞ୍ଚା ଗୋବର କୁ ଖୁବ କମ୍ ପରିମାଣରେ ଚାଷ ପାଇଁ ବ୍ୟବହାର କରାଯିବା ଉଚିତ୍
- ଯେତେବେଳେ ମାଟିର ଅର୍ଦ୍ରତା ରହିଛି ସେତିକିବେଳେ ଏହାକୁ ପ୍ରୟୋଗ କରାଯାଇପାରେ ।
- ଫସଲ ଅମଳ ହେବାର ଅତିକମରେ  ଚାରି ମାସ ପୂର୍ବରୁ  କଞ୍ଚା ଗୋବରକୁ ଫସଲ ପାଇଁ ବ୍ୟବହାର କରାଯିବା ଉଚିତ ।

### ଖତ ଗଦା ଗୋରୁ ଗୁହାଳ ପାଖାପାଖି ସ୍ଥାନରେ ସ୍ଥାପନ କରନ୍ତୁ

ଯଦି ଆପଣ ଗୋରୁ, ଗାଈ, ଛେଳି ମେଣ୍ଢା ମାନଙ୍କୁ ଗୁହାଳରେ ରଖୁଥାନ୍ତି ଏବଂ କୁକୁଡା ପାଳନ କରୁଥାନ୍ତି, ତେବେ ସେମାନଙ୍କର ମଳମୂତ୍ର ପଡୁଥିବା ସ୍ଥାନକୁ ଏମିତି ପ୍ରସ୍ତୁତ କରନ୍ତୁ କି ଯେଉଭଳିକି ସେଗୁଡିକ ସହଜରେ ସଂଗ୍ରହ ଏବଂ ଠୁଳ କରାଯାଇ ପାରୁଥିବ, ଖୋଲାଛାତ ଗୁହାଳ ବଦଳରେ ଛାତଥିବା ଗୁହାଳ ହୋଇଥିଲେ ଭଲ ଗୋବର ଓ ମୂତ୍ର ବର୍ଷା ଜଳରେ ଭାସିଯିବା କିମ୍ବା ନଷ୍ଟ ହେବାର ସମ୍ଭାବନା ନଥାଏ। ପ୍ରତି ସପ୍ତାହରେ ଥରେ ଗୁହାଳରେ ମକ୍କାଗଛର ଛେଦା, ଅନାବନା  ଶୁଖିଲା ଘାସ କିମ୍ବା ଡାଳପତ୍ର, ଶୁଖିଲା ନଡା ବିଛାଇ ଦେବା ଆବଶ୍ୟକ, କାରଣ ଏହା କଲେ ମଳମୂତ୍ର ଗୁଡିକସେଥିରେ ଭିଜି କରି  ରହିଯାଏ, ଏବଂ ଗୁହାଳର ଚଟାଣ ଗୋରୁ ଗାଈ ଏବଂ ଅନ୍ୟ ସବୁ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ଶୁଖିଲା ଏବଂ ଆରାମଦାୟକ ହୋଇଥାଏ। ଗୁହାଳରୁ ସଂଗୃହିତ ଗୋବରକୁ ଖତ କରିବା ପାଇଁ ପୂର୍ବରୁ ଉଲ୍ଲେଖ କରାଯାଇଥିବା "ସହଜ ଖତ ତିଆରି ଉପାୟ" କୁ ଅବଲମ୍ବନ କରାଯାଇପାରେ, ଗୋବରଗୁଡିକୁ ଗୁହାଳ ପାଖ କୌଣସି ଛାଇ ପଡୁଥିବା ଜାଗାରେ ଗଦା କରି ରଖାଯାଇପାରେ କିମ୍ବା ଖତ ଖାଲରେ ପକାଇ ଦିଆଯାଇପାରେ, ଯେପର୍ଯ୍ୟନ୍ତ ଗୋବର ଗଦାର ଉଚ୍ଚତା ଅତିକମରେ ୧ ମିଟର  ନ ହୋଇଛି ସେ ପର୍ଯ୍ୟନ୍ତ ଗୋବର ସେଠାରେ ଗଦା ହେଉଥିବା ଆବଶ୍ୟକ, ଏହା ଏକ ମିଟର ଉଚ୍ଚତା ହେଲା ପରେ ତାହାକୁ ତଳଉପର କରି ଫେଣ୍ଟିଦେବା ପରେ ପାଖରେ ଥିବା ଆଉ ଗୋଟେ ଖାଲରେ ନେଇ ଗଦା କରାଯିବା ଉଚିତ୍। ଅବଶ୍ୟ ଏହି ଫେଣ୍ଟାଫେଣ୍ଟି  କାମ ଏବଂ ଅନ୍ୟ ଏକ ଗଦାରେ ନେଇ ଗୋବରକୁ ଖତ ରୂପେ  ପରିଣିତ କରିବାର କାମ ଚାଷକାମରେ ବ୍ୟବହୃତ ହେବାର ୨ ମାସ ପୂର୍ବରୁ କରାଗଲେ ଖୁବ ଭଲ ଖତ ମିଳିଥାଏ।